World Suicide Prevention Day.
Dt-10.09.2025

ସମ୍ବାଦ

# ଆତ୍ମହତ୍ୟା ନିରାକରଣ କର୍ମଶାଳା



ଭୁବନେଶ୍ୱର,୯।୯ (ନି.ପ୍ର): ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆତ୍ମହତ୍ୟା ନିରାକରଣ ସମ୍ବନ୍ଧୀୟ ଦୁଇଦିନିଆ ସଚେତନତା କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ମନୋବିଜ୍ଞାନ ବିଭାଗ ଓ ମନମ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଅନୁଷ୍ଠିତ କର୍ମଶାଳାରେ ମନୋବିଜ୍ଞାନୀ ସୌମ୍ୟା ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟା ପ୍ରବଣତା ଚିହ୍ନିବାର କୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟକ୍ଷା ପ୍ରଫେସର ଝୁମ୍କୀ ରଥ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ମନୋବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ଲେଖା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଡ. ପ୍ରଜ୍ଞାପ୍ରିୟଦର୍ଶିନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଡ. ଶୁଭସ୍ମିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସରେ ସୌରଭ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଡକୁମେଣ୍ଟ 'ଦ ଷ୍ଟୋଲନ୍ ଷ୍ଟାର୍' ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରଦର୍ଶିତ ହୋଇଥିଲା। ଆତ୍ମଘାତ ଉପରେ ଆଧାରିତ ଏହି ଚିତ୍ର ଛାତ୍ର ଛାତ୍ରୀଙ୍କ ପାଇଁ ଶିକ୍ଷଣୀୟ ହୋଇଥିଲା। ମନୋବିଜ୍ଞାନ ବିଭାଗ ଓ ଆଇକ୍ୟୁଏସିର ମିଳିତ ସହଯୋଗ ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜକ ଡ.ମୌସୁମୀ ଦାସ ସ୍ୱାଗତ ଭାଷଣ ଦେଇ ଥିଲେ।